# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 June – 2025**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ଦୁଗ୍ଧ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ

— ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଗୋପାଳକଙ୍କୁ ସହାୟତା ରାଶି କଲେ ପ୍ରଦାନ

- ଦେଶରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ଦର ଆଜିଠାରୁ ୨୪ ଟଙ୍କା ହ୍ରାସ

- ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଆଜି ରାତିରେ ନଗର ପରିକ୍ରମା କରିବେ ଦେବଦମ୍ପତି

ଏବଂ

- ରାଜ୍ୟରେ ଆସନ୍ତାକାଲିଠାରୁ ବର୍ଷା ହେବା ସମ୍ଭାବନା; ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

***Desk***

# ମୁଖ୍ୟମନ୍ତ୍ରୀ-ବିଶ୍ୱ ଦୁଗ୍ଧ ଦିବସ

ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ **ବିଶ୍ୱ ଦୁଗ୍ଧ ଦିବସ-୨୦୨୫** ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବା ସହ ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।

## - V/O - (CM)

ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ଖାଉଟିମାନଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପ୍ରତି ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ଅଢ଼େଇ ଲକ୍ଷ ଗୋପାଳକ ଲାଭବାନ ହେବେ। ଦୁଗ୍ଧ ଚାଷୀମାନଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ବାଲ୍‌ଟି ଦହି, ଏ-ଟୁ ମିଲ୍କ ଏବଂ ଏ-ଟୁ ଘିଅର ଶୁଭାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏଥିସହ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଓ ୭୭ଟି ଗୋଶାଳାକୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ଗୋ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସ୍ଥାୟୀ ପୁଞ୍ଜିନିବେଶରେ ୫୦ ପ୍ରତିଶତ ଓ ସର୍ବାଧିକ ୧ କୋଟି ଟଙ୍କାର ରିହାତି ସରକାର ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି।

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀ ଦେବଗଡ଼ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ବୁଧବାର ଦିନ **ଦେବଗଡ଼** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଦେବଗଡ଼ ନୂଆ ବାଲିରୋଇଠାରେ ନିର୍ମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ସମେତ ଅନେକ ପ୍ରକଳ୍ପର ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ଏକ ପ୍ରସ୍ତୁତି ବୈଠକ

ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ।

## ଏଲ୍.ପି.ଜି. ଦର ହ୍ରାସ

ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଦେଶରେ ବାଣିଜ୍ୟିକ ଏଲ୍.ପି.ଜି. ଗ୍ୟାସ୍ ସିଲିଣ୍ଡର ଦର ଆଜିଠାରୁ ୨୪ ଟଙ୍କା ହ୍ରାସ ପାଇଛି । ଅନ୍ୟପକ୍ଷରେ, ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଚଳିତବର୍ଷ ଏପ୍ରିଲ୍ ମାସରେ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟରେ ୪୧ ଟଙ୍କା ହ୍ରାସ ହୋଇଥିଲା।

## କରୋନା ଆକ୍ରାନ୍ତ

ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ କୁ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି, କୋଭିଡ୍‌ର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। କୋଭିଡ୍ ରୋଗ ଚିହ୍ନଟ ପାଇଁ ପରୀକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଡକ୍ଟର ମିଶ୍ର ଜନସାଧାରଣଙ୍କୁ କୋଭିଡ୍ ମାର୍ଗଦର୍ଶିକା ଅନୁସରଣ କରିବା ସହ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ଶୀତଳଷଷ୍ଠୀ

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଶିବ-ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବ୍ରାହ୍ମ ମୁହୂର୍ତ୍ତରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କର ଲୌକିକ ରୀତିନୀତିରେ ବାହାଘର ସରିବା ପରେ ବର୍ତ୍ତମାନ ଶ୍ରଦ୍ଧାଳୁମାନେ ଦେବଦମ୍ପତିଙ୍କୁ ଦର୍ଶନ କରୁଛନ୍ତି। ନବବିବାହିତ

ଦେବଦମ୍ପତ୍ତିଙ୍କର ଏହି  ଅଭୂତପୂର୍ବ ଦର୍ଶନ ପାଇଁ ସମସ୍ତ ବିବାହ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଛି। ଆଜି ରାତି ୧୦ଟାରେ ଦେବଦମ୍ପତ୍ତି ମନ୍ଦିରରୁ ବାହାରି ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଅପରାହ୍ଣ ୪ଟା ଯାଏ ଚାଲିବ।

ଶୀତଳଷଷ୍ଠୀ ଯାତ୍ରା ସମ୍ପର୍କରେ ସମ୍ବଲପୁରରୁ ଆମ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O - (Gunamani Biswal)**

**ଶୀତଳଷଷ୍ଠୀ-ଜିଲ୍ଲା**

**ପୁରୀ** ଶ୍ରୀମନ୍ଦିରରେ ପଂଚ-ମହାଦେବ ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନଦେବ, ଶ୍ରୀନୀଳକଣ୍ଠେଶ୍ୱରଙ୍କର ଶୀତଳଷଷ୍ଠୀ ଯାତ୍ରା ପାଇଁ ଶ୍ରୀମନ୍ଦିର ଉତ୍ସବମୁଖର ହୋଇଉଠିଛି। ମଧ୍ୟରାତ୍ରୀରେ ମହାଦେବଙ୍କର ବିବାହ ଶେଷ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତ୍ରଣ ପାଇ ପଟୁଆରରେ ପଂଚମହାଦେବ ଶ୍ରୀମନ୍ଦିରକୁ ସନ୍ଧ୍ୟାଧୂପ ପରେ ବିଜେ କରିଥିଲେ। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ, ଶୀତଳଷଷ୍ଠୀ ଅବସରରେ ଶ୍ରୀମନ୍ଦିରରେ ଆଉ କିଛି ସମୟ ପରେ ତୃତୀୟ ଜଳକ୍ରୀଡା ନୀତି ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ଆଜି ଶ୍ରୀମଦନମୋହନ ଓ ଶ୍ରୀଦେବୀ, ଭୂଦେବୀ ରୋହିଣୀକୁଣ୍ଡ ନିକଟ ଜଳକ୍ରୀଡା ମଣ୍ଡପରେ ଜଳକ୍ରୀଡା କରିବେ। **ବୌଦ୍ଧ** ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୀତଳଷଷ୍ଠୀ ଅବସରରେ ଶିବବିବାହ ସମ୍ପନ୍ନ ହୋଇଛି। ପବିତ୍ର ମନ୍ତ୍ରୋଚାରଣ ମଧ୍ୟରେ ବ୍ରାହ୍ମ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ

ହୋଇଥିଲା। ଆଜି ଦିନସାରା ଦେବଦମ୍ପତ୍ତି ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଆଜି ସନ୍ଧ୍ୟାରେ ନବବିବାହିତ ଦେବଦମ୍ପତ୍ତି ନଗର ପରିକ୍ରମାରେ ବାହାରିବେ। **ନୂଆପଡ଼ା** ଜିଲ୍ଲାର ସମସ୍ତ ଶିବାଳୟରେ ଶୀତଳଷଷ୍ଠୀ ଅବସରରେ ହରପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଛି।

**ନୟାଗଡ଼** ଜିଲ୍ଲା ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଗୌରୀଙ୍କ ବିବାହ ଉତ୍ସବ ପରେ ଦେବଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେବା ଓ ଗ୍ରାମ୍ୟ ପରିକ୍ରମା କରି ପ୍ରସାଦ ପାଇବା ଉଦ୍ଦେଶ୍ୟରେ ବିଭିନ୍ନ ସାହି ଓ ପଡାର ୧୬ ଶମ୍ଭୂଙ୍କ ମେଳଣ ହୋଇଛି। ଶମ୍ଭୂମାନେ ପୃଥକପୃଥକ୍ ଭାବେ ବିରାଟ ପଟୁଆରରେ ଆସି ଲଡୁବାବାଙ୍କ ବେଢ଼ା ପରିସରରେ ମିଳିତ ହେବା ସହ ଦେବଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେଇଥିଲେ।

## ସଡକ ସୁରକ୍ଷା କମିଟି ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ପରିବହନ ଅଧିକାରୀ ଓ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ସଡକ ଦୁର୍ଘଟଣା ରୋକିବା ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା।

## ପରଲୋକ

ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା ସାଉଁଟିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଖଇରାବାଦ ଗ୍ରାମର ହସ୍ତଶିଳ୍ପୀ କମଳା ମହାରଣାଙ୍କର ପରଲୋକ ହୋଇଛି। ୨ ଦିନ ତଳେ ଅସୁସ୍ଥ ହୋଇ ସେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧିନ

ଥିଲେ। ଆଜି ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ହାଫ୍ ମାରାଥନ

ପୂର୍ବତଟ ରେଳପଥ ସ୍ପୋର୍ଟସ୍ ଆସୋସିଏସନ୍ ଖୋର୍ଦ୍ଧା ଏବଂ ଆଇଆଇଟି ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଖୋର୍ଦ୍ଧାରୋଡ ହାଫ୍ ମାରାଥନ ଭୁବନେଶ୍ୱର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟନେଇ ଏହି ହାଫ୍ ମାରାଥନ ଆୟୋଜିତ ହୋଇଥିଲା।

## କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବିଜୁଳି ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ  ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷରେ, ବର୍ଷାର ପ୍ରଭାବରେ ରାଜ୍ୟର ତାପମାତ୍ରା ହ୍ରାସ ପାଇଥିଲା। ତେବେ ଗତ ୨ ଦିନ ହେବ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇବା ସହ ଗୁଳୁଗୁଳି ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ବୁଧବାରଠାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ୧୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

******************************